# ଦେଶର ପ୍ରଗତିରେ ନକ୍ସଲପନ୍ଥୀମାନଙ୍କ ଅବଦାନ- ଯୋଜନା କମିଶନ୍‌ଙ୍କ ରିପୋର୍ଟ

ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିପାରେ- ପ୍ରଧାନମନ୍ତ୍ରୀ ନକ୍ସଲବାଦକୁ ଦେଶର ଆଭ୍ୟନ୍ତରୀଣ ନିରାପତ୍ତା ପ୍ରତି ପହିଲା ନମ୍ବର ବିପଦ ବୋଲି ମନେକରି ଏହାକୁ ମୁକାବିଲା ପାଇଁ ପରାମର୍ଶ ଦେବା ସକାଶେ ଯୋଜନା କମିଶନ୍‌ଙ୍କ ଅଧୀନରେ ଯେଉଁ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ବସାଇଥିଲେ, ସେହି କମିଟି ଦୁଇବର୍ଷର ଅନୁଧ୍ୟାନ ପରେ ନିକଟରେ ଯେଉଁ ରିପୋର୍ଟ ଦାଖଲ କରିଛନ୍ତି, ସେଥିରେ ଗତ ଷାଠିଏ ଦଶନ୍ଧି ଠାରୁ ଏଯାବତ୍ ନକ୍ସଲପନ୍ଥୀମାନେ ସେମାନଙ୍କର ହିଂସାତ୍ମକ କାର୍ଯ୍ୟପଦ୍ଧତି ସତ୍ତ୍ୱେ ସ୍ୱାଧୀନୋତ୍ତର ଭାରତବର୍ଷର ପ୍ରଗତି ପ୍ରକ୍ରିୟାରେ ଯେଉଁ ସକାରାତ୍ମକ ଭୂମିକା ପ୍ରଦର୍ଶନ କରିଆସିଛନ୍ତି, ତହିଁର ଏକ ସୁଦୀର୍ଘ ବିବରଣୀ ସ୍ଥାନିତ ହେବା ସହିତ ଜନସାଧାରଣଙ୍କ ଆଶା-ଆକାଂକ୍ଷାକୁ ପୂରଣ କରିବାରେ ପ୍ରଚଳିତ ଶାସନ-ବ୍ୟବସ୍ଥାର ଚରମ ବିଫଳତାର ଏକ ଲମ୍ବାଚଉଡା ଟିପ୍ପଣୀ ମଧ୍ୟ ସୂଚୀତ ହୋଇଛି । ଗତ ୨୯ ମେ ୨୦୦୬ରେ ଶ୍ରୀ ଡି.ବନ୍ଦୋପାଧ୍ୟାୟଙ୍କ ଅଧ୍ୟକ୍ଷତାରେ 'ଜନ ଅସନ୍ତୋଷ, ବିକ୍ଷୁବ୍ଧତା, ଏବଂ ଚରମବାଦର କାରଣ ନିର୍ଣ୍ଣୟ ସମେତ ଉନ୍ନୟନ ପ୍ରସଙ୍ଗସମୂହ' ଉପରେ ଗଠିତ ହୋଇଥିବା ଏହି ୧୬ଜଣିଆ କମିଟିଙ୍କର ମୂଳ ବକ୍ତବ୍ୟ ହେଲା- ସମ୍ବିଧାନ ଓ ବିଭିନ୍ନ ଆଇନ୍‌କାନୁନ୍‌ରେ ଦେଶର ଦଳିତ, ଆଦିବାସୀ, ଗରିବ, ବଞ୍ଚିତ ଓ ଶୋଷିତ ବର୍ଗଙ୍କ ମୁକ୍ତି ଓ ସଶକ୍ତୀକରଣ ପାଇଁ ଯେଉଁସବୁ ପ୍ରତିଶ୍ରୁତି ଓ ପ୍ରାବ୍‌ଧାନମାନ ରହିଛି, ସେଗୁଡିକୁ ସାକାର କରିବାରେ ସରକାର ଓ ପ୍ରଶାସନ ବ୍ୟର୍ଥ ହୋଇଥିବା ବେଳେ ସ୍ଥଳ ବିଶେଷରେ ନକ୍ସଲପନ୍ଥୀମାନେ ସେମାନଙ୍କ ନିଜସ୍ୱ ପନ୍ଥା ଅନୁସରଣ କରି ସେଗୁଡିକୁ କେତେକାଂଶରେ ବାସ୍ତବାୟିତ କରିପାରିଛନ୍ତି । ନକ୍ସଲ୍‌ବାଦ ଏକ ରାଜନୈତିକ ଆନ୍ଦୋଳନ, ଯାହାକି ପ୍ରଚଳିତ ବ୍ୟବସ୍ଥା ପ୍ରତି ପୁଂଜିଭୂତ ହୋଇଥିବା ଜନଅସନ୍ତୋଷକୁ ଆଧାର କରି ତିଷ୍ଠି ରହିଛି ଏବଂ ବଢିଚାଲିଛି । ତେଣୁ ନକ୍ସଲ୍‌ବାଦକୁ ଏକ 'ଆଇନ୍-ଶୃଙ୍ଖଳା ସମସ୍ୟା' ବୋଲି କହି ପୋଲିସ୍ ଓ ପ୍ରଶାସନକୁ ଅଧିକ କ୍ଷମତାର୍ପଣ ଦ୍ୱାରା ଏହାକୁ ମୁକାବିଲା କରିହେବନି, ବରଂ ଗୋଟିଏ ପଟରେ ଶାସନ-ବ୍ୟବସ୍ଥାର ଆମୂଳ ଲୋକାଭିମୁଖୀ ସଂସ୍କାର ଏବଂ ଅନ୍ୟ ପଟରେ ନକ୍ସଲପନ୍ଥୀମାନଙ୍କ ସହ ମୁକ୍ତ ଓ ନିସର୍ତ୍ତ ଆଲୋଚନା ଜରିଆରେ ବର୍ତ୍ତମାନର ପରିସ୍ଥିତିକୁ ସାମନା କରିବା ପାଇଁ କମିଟି ପରାମର୍ଶ ଦେଇଛନ୍ତି । ୨୦୦୬ରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ନକ୍ସଲ୍‌ବାଦ ଉପରେ ଏକ ସ୍ଥିତିପତ୍ର ପ୍ରକାଶ କରି କହିଥିଲେ ଯେ, ନକ୍ସଲପନ୍ଥୀମାନେ ହିଂସାର ମାର୍ଗ ପରିହାର ନକରିବା ଯାଏଁ ସେମାନଙ୍କ ସହ କଥାବାର୍ତ୍ତାର ପ୍ରଶ୍ନ ଉଠୁନି । କିନ୍ତୁ କମିଟି ପାଲଟା ପ୍ରଶ୍ନ କରିଛନ୍ତି, ଯଦି ନାଗା ବିଦ୍ରୋହୀ, ଉଲ୍‌ଫା ଏବଂ କାଶ୍ମୀରର ସନ୍ତ୍ରାସବାଦୀ ଗୋଷ୍ଠୀମାନଙ୍କ ସହ ସରକାର ଏପରି ସର୍ତ୍ତ ନରଖି କଥାବାର୍ତ୍ତା କରିପାରୁଛନ୍ତି, ତେବେ ନକ୍ସଲପନ୍ଥୀମାନଙ୍କ କ୍ଷେତ୍ରରେ ଭିନ୍ନ ଦୃଷ୍ଟିଭଙ୍ଗୀ ପୋଷଣ କରିବାର ମାନେ କ'ଣ ? (ଦ୍ରଷ୍ଟବ୍ୟ- ଅନୁଚ୍ଛେଦ ୪.୧୬) ।

## ଭୂସଂସ୍କାର ଆନ୍ଦୋଳନର ପୁରୋଭାଗରେ

ଯଦିଓ ଭାରତର ପ୍ରାୟ ସବୁ ରାଜ୍ୟରେ 'ଲଙ୍ଗଳ ଯା'ର, ଜମି ତାହାର' ଧ୍ୱନିକୁ ଆଧାର କରି ଲମ୍ବାଚଉଡା ଭୂସଂସ୍କାର ଆଇନ୍‌ମାନ ଗଢା ହୋଇଥିଲା, କିନ୍ତୁ କୌଣସି ଠାରେ ସରକାର ତାହାକୁ ଆନ୍ତରିକତା ସହକାରେ କାର୍ଯ୍ୟକାରୀ କରିନଥିଲେ । ଏହି ପରିପ୍ରେକ୍ଷୀରେ ନକ୍ସଲବାଦର ଉତ୍ପତ୍ତି ଘଟିଥିଲା ୧୯୬୭ରେ ଉତ୍ତରବଙ୍ଗରେ ଭାଗଚାଷୀ ଓ ଭୂମିହୀନ କୃଷିଶ୍ରମିକଙ୍କ ଜମି ଉପରେ ଅଧିକାରକୁ କେନ୍ଦ୍ରକରି । ନକ୍ସଲ୍‌ପନ୍ଥୀମାନଙ୍କ ସଶସ୍ତ୍ର ଆନ୍ଦୋଳନ ଚାପରେ ସେତେବେଳର ଯୁକ୍ତ ଫ୍ରଣ୍ଟ ସରକାର ଜମିଦାର ଓ ଜୋତ୍‌ଦାର୍‌ମାନଙ୍କ ଠାରୁ ଲକ୍ଷଲକ୍ଷ ଏକର ସିଲିଂ-ବହିର୍ଭୁତ ଜମି ପ୍ରତ୍ୟାହାର କରି ଗରୀବ ଓ ଭୂମିହୀନ ଚାଷୀଙ୍କ ଭିତରେ ବାଣ୍ଟିଥିଲେ । ରାଜ୍ୟ ସରକାର ବୈଧାନିକ ଢଙ୍ଗରେ ନିଜେ ଏହି ଜନମଙ୍ଗଳ କାର୍ଯ୍ୟକ୍ରମ ପାଇଁ ତତ୍ପର ହୋଇପଡିବା ଫଳରେ ନକ୍ସଲପନ୍ଥୀମାନଙ୍କ ପ୍ରଭାବ ଆପେଆପେ ପଶ୍ଚିମବଙ୍ଗଳାରେ ମଉଳି ଯାଇଥିଲା, କିନ୍ତୁ ଏହା ପଡୋଶୀ ବିହାର ଏବଂ ଆନ୍ଧ୍ର ପ୍ରଦେଶକୁ ବ୍ୟାପି ଯାଇଥିଲା । ଗ୍ରାମାଞ୍ଚଳର କ୍ରମବର୍ଦ୍ଧମାନ ଜନଅସନ୍ତୋଷକୁ ଲକ୍ଷ୍ୟ କରି ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୧ରେ ଭୂସଂସ୍କାର ଓ ନ୍ୟୁନତମ ମଜୁରି ଆଇନ୍‌କୁ କଡାକଡି ଭାବେ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ, ଯଦିଓ ସେହି ନିର୍ଦ୍ଦେଶନାମା ଅଧପନ୍ତରିଆ ଅବସ୍ଥାରେ ରହିଗଲା । ଆନ୍ଧ୍ର ପ୍ରଦେଶରେ ମୁଖ୍ୟମନ୍ତ୍ରୀ ଏନ୍.ଟି.ରାମାରାଓ ପ୍ରଥମେ ନକ୍ସଲପନ୍ଥୀମାନଙ୍କୁ 'ଦେଶଭକ୍ତ' ବୋଲି ସମ୍ବୋଧନ କରିଥିଲେ, ଯଦିଓ ପରେ ସେ ସେମାନଙ୍କୁ 'ରାଷ୍ଟ୍ରର ଶତ୍ରୁ' ଆଖ୍ୟା ଦେଇଥିଲେ । ୧୯୯୧ର ଅର୍ଥନୈତିକ ସଂସ୍କାର ପରେ ଦେଶରେ ଦାରିଦ୍ର୍ୟ, ବୈଷମ୍ୟ ଓ ଶୋଷଣର ଯେଉଁ ନୂଆ ଦୃଶ୍ୟପଟ ଦେଖାଦେଲା, ତାହା ନକ୍ସଲ୍‌ବାଦକୁ ଏକ ପରିବର୍ତ୍ତିତ ଏବଂ ପରିବର୍ଦ୍ଧିତ ରୂପରେ ଠିଆ କରାଇଲା । ଗୃହ ମନ୍ତ୍ରଣାଳୟର ୨୦୦୬-୦୭ ବାର୍ଷିକ ବିବରଣୀ ଅନୁଯାୟୀ ବର୍ତ୍ତମାନ ଓଡିଶା, ଆନ୍ଧ୍ର, ଛତିଶଗଡ, ଝାଡଖଣ୍ଡ, ବିହାର ଓ ପଶ୍ଚିମବଙ୍ଗଳା ସମେତ ଦେଶର ୧୨ଟି ରାଜ୍ୟକୁ ଏହା ପ୍ରସାର ଲାଭ କରିସାରିଛି (ଦ୍ରଷ୍ଟବ୍ୟ: ଅଧ୍ୟାୟ-୪) ।

## ଦଳିତ ଓ ଆଦିବାସୀମାନଙ୍କ ସପକ୍ଷରେ

ନକ୍ସଲ୍‌ପନ୍ଥୀମାନେ କାହିଁକି ଜନସମର୍ଥନ ହାସଲ କରି ଆଗକୁ ବଢିବଢି ଚାଲିଛନ୍ତି, ସେ ବିଷୟରେ ଏହି ରିପୋର୍ଟର ୩ୟ ଅଧ୍ୟାୟରେ ବିସ୍ତାରିତ ଭାବେ ଆଲୋଚନା କରାଯାଇଛି । ପ୍ରଥମତଃ ଜମିମାଲିକମାନଙ୍କର ଉଦ୍‌ବୃତ୍ତ ଜମିକୁ ଆୟତ୍ତ କରି ଭୂମିହୀନ ଓ ନାମମାତ୍ର ଚାଷୀଙ୍କ ଭିତରେ ବଣ୍ଟନ କରିବାରେ ସରକାରଙ୍କର ମୋଟେ ଆନ୍ତରିକତା ନଥିବା ବେଳେ ନକ୍ସଲପନ୍ଥୀମାନେ ଏହି ଲୋକମାନଙ୍କୁ ସଂଗଠିତ କରି ସଂପୃକ୍ତ ଜମିରେ ଲାଲଝଣ୍ଡା ପୋତି ତାହାକୁ ଗରିବ ଲୋକଙ୍କ ଭିତରେ ବାଣ୍ଟିବାରେ ସଫଳ ହୋଇଛନ୍ତି; ଦୃଷ୍ଟାନ୍ତ ସ୍ୱରୂପ, ଆନ୍ଧ୍ରପ୍ରଦେଶ ଓ ବିହାର । ବିଶେଷକରି ବିହାର ଭଳି ରାଜ୍ୟରେ 'ମୁଶାହାର' ନାମକ ସବୁଠୁଁ ପଛୁଆ ଦଳିତ ସଂପ୍ରଦାୟକୁ ନକ୍ସଲ୍‌ପନ୍ଥୀମାନେ ପତିତ ସରକାରୀ ଜମିକୁ ଦଖଲ ଓ ହସ୍ତାନ୍ତର କରିବାରେ ସଫଳ ହୋଇଛନ୍ତି; ଏହାଛଡା ପଶ୍ଚିମବଙ୍ଗଳା ଭଳି ବିହାରରେ ମଧ୍ୟ ଭାଗଚାଷୀଙ୍କୁ ଅମଳର ନ୍ୟାଯ୍ୟ ଭାଗ ଦିଆଇବାରେ ସେମାନେ ସହାୟତା କରିଛନ୍ତି । ଆନ୍ଧ୍ର, ଓଡିଶା, ଛତିଶଗଡ, ଝାଡଖଣ୍ଡ ଓ ମହାରାଷ୍ଟ୍ରର ବିଦର୍ଭ ଅଞ୍ଚଳରେ ସେମାନେ ଆଦିବାସୀମାନଙ୍କୁ ଜଙ୍ଗଲ ଜମି ଅଧିକାର କରିବାରେ ସହାୟତା କରିଛନ୍ତି । ଜଙ୍ଗଲ ସଂରକ୍ଷଣ ଆଇନ୍, ୧୯୮୦ ଅନୁଯାୟୀ ଯେତେବେଳେ ସରକାର ସେହି ଆଦିବାସୀମାନଙ୍କୁ ବେଦଖଲ କରିବା ପାଇଁ ବଳପ୍ରୟୋଗ କଲେ ସେତେବେଳେ ନକ୍ସଲ୍‌ପନ୍ଥୀମାନେ ହିଁ ଆଦିବାସୀମାନଙ୍କ ସପକ୍ଷରେ ବାହାରିଲେ । ବର୍ତ୍ତମାନ ନକ୍ସଲ୍‌ପନ୍ଥୀମାନଙ୍କୁ ଡରି ପ୍ରଶାସନ ଆଉ ବେଦଖଲ ଅଭିଯାନ ଚଳାଉନାହିଁ । ବିଭିନ୍ନ ଶିଳ୍ପ ଓ ଉନ୍ନୟନ ପ୍ରକଳ୍ପ ଯୋଗୁଁ ବିସ୍ଥାପିତ ଅଥଚ ପ୍ରଶାସନ ଦ୍ୱାରା ଉପେକ୍ଷିତ ଆଦିବାସୀ ଓ ଜଙ୍ଗଲବାସୀମାନଙ୍କୁ ବର୍ତ୍ତମାନ ନକ୍ସଲ୍‌ପନ୍ଥୀମାନେ ଆପଣେଇଛନ୍ତି । ଉଦାହରଣ ସ୍ୱରୂପ, ଓଡିଶାରେ ଜଳସେଚନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇ ଯେଉଁ ଆଦିବାସୀମାନେ ମୁଣ୍ଡ ଗୁଞ୍ଜିବା ପାଇଁ ପଡୋଶୀ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଜିଲ୍ଲାକୁ ଗଲେ ସେଠାକାର ପ୍ରଶାସନ ପ୍ରଥମେ ସେମାନଙ୍କୁ ଘଉଡାଇବାକୁ ଆରମ୍ଭ କଲେ, କିନ୍ତୁ ତା'ପରେ ନକ୍ସଲ୍‌ପନ୍ଥୀଙ୍କ ଡରରେ

ତୁନି ପଡିଗଲେ । ଚରମ ଦାରିଦ୍ର୍ୟ ଓ ସାମାଜିକ ନିର୍ଯ୍ୟାତନା କାରଣରୁ ମଧ୍ୟ ଆଦିବାସୀମାନେ ବାସ୍ତୁହରା ହୋଇଥାନ୍ତି । ଛତିଶ୍‌ଗଡର ମୁରିଆ ବା ଗୋଥି କୋୟା ଜନଜାତି ଏହିଭଳି କାରଣରୁ ପଡୋଶୀ ଆନ୍ଧ୍ରପ୍ରଦେଶର ଖମାମ୍ ଜିଲ୍ଲାକୁ ପ୍ରବେଶ କରିଥାନ୍ତି । କିନ୍ତୁ ସେଠିକାର ପୋଲିସ୍ ଓ ପ୍ରଶାସନ ଏହି ନବାଗତ ଜନଗୋଷ୍ଠୀଙ୍କ ଉପରେ ବିଭିନ୍ନ ପ୍ରକାର ଜୁଲୁମ୍ ଚଳାଇଥାନ୍ତି । କେବଳ ନକ୍ସଲ୍‌ପନ୍ଥୀମାନେ ହିଁ ସେମାନଙ୍କ ସପକ୍ଷରେ ଲଢିଥାନ୍ତି । ବିହାରରେ ବିଭିନ୍ନ ଦଳିତ ସଂପ୍ରଦାୟ ରଣବୀର ସେନା ଭଳି ଉଗ୍ର ଜାତିଆଣ ସଂଗଠନ ଦ୍ୱାରା ଅକଥନୀୟ ସାମାଜିକ ଉତ୍ପୀଡନର ଶୀକାର ହୋଇଥାନ୍ତି, କିନ୍ତୁ ପୋଲିସ୍ ଓ ପ୍ରଶାସନ ସେମାନଙ୍କ ଦୁର୍ଦ୍ଦଶା ପ୍ରତି ଉଦାସୀନ ଥିବା ବେଳେ କେବଳ ନକ୍ସଲ୍‌ପନ୍ଥୀମାନେ ହିଁ ସେମାନଙ୍କ ପଛରେ ଛିଡା ହୋଇଥାନ୍ତି ।

**ନ୍ୟାୟବୋଧର ନୂତନ ଅବତାର**

ଦେଶରେ ନ୍ୟୂନତମ ମଜୁରୀ ଆଇନ୍ ୧୯୪୮ରୁ ପ୍ରଚଳିତ ଥିଲେ ହେଁ ଏହା କେବଳ କାଗଜକଲମରେ ଅଟକି ରହିଛି । କିନ୍ତୁ ଯେଉଁ ଅଞ୍ଚଳରେ ନକ୍ସଲପନ୍ଥୀମାନେ ଅଛନ୍ତି ସେମାନେ ଶ୍ରମିକମାନଙ୍କୁ ଉଚିତ୍ ମଜୁରି ଦେବାପାଇଁ ନିଯୁକ୍ତିକର୍ତ୍ତାମାନଙ୍କୁ ବାଧ୍ୟ କରିଥାନ୍ତି । ଆନ୍ଧ୍ରପ୍ରଦେଶ, ଛତିଶ୍‌ଗଡ, ଝାଡଖଣ୍ଡ, ମହାରାଷ୍ଟ୍ର ତଥା ଓଡିଶାରେ କେନ୍ଦୁପତ୍ର ତୋଳାଳୀମାନଙ୍କୁ ଉଚିତ୍ ମଜୁରି ପ୍ରଦାନ କରିବା ବ୍ୟାପାରରେ ନକ୍ସଲ୍‌ପନ୍ଥୀମାନେ ହସ୍ତକ୍ଷେପ କରିଛନ୍ତି, ଯାହା ଫଳରେ ପୂର୍ବରୁ ଠିକାଦାରମାନେ ଯେଉଁ ହାରରେ ମଜୁରି ଦେଉଥିଲେ, ତାହା ବର୍ତ୍ତମାନ ୫୦ଗୁଣ ବଢି ପାରିଛି । ସମୂହ ସମ୍ପଦ ବୋଲି ବିବେଚିତ ଇଲାକାରେ ସାଧାରଣତଃ ଗ୍ରାମର ପ୍ରଭାବଶାଳୀ ଗୋଷ୍ଠୀମାନଙ୍କର ଅଖଣ୍ଡ ଆଧିପତ୍ୟ ଯୋଗୁଁ ଗରିବ ଆଦିବାସୀମାନେ ପଶୁଚାରଣ, ମାଛଧରା, ସଳପ ଓ ଖଜୁରି ରସ ସଂଗ୍ରହ ଓ ପଥର ସଂଗ୍ରହ ଇତ୍ୟାଦି ନିଜର ପାରମ୍ପରିକ ବୃତ୍ତି ଅବଲମ୍ବନ କରିପାରୁନଥିଲେ । ନକ୍ସଲମାନଙ୍କ ସହାୟତା ଓ ସାହାସ ପାଇ ସେମାନେ ବର୍ତ୍ତମାନ ତାହା କରିବାକୁ ସକ୍ଷମ ହୋଇପାରିଛନ୍ତି । ଆନ୍ଧ୍ର ପ୍ରଦେଶର ତେଲେଙ୍ଗାନା ଅଞ୍ଚଳରେ ପୂର୍ବରୁ ଦଳିତ ଲୋକେ ଗ୍ରାମର ଉଚ୍ଚ ଜାତି ଓ ସମ୍ଭ୍ରାନ୍ତ ପରିବାରମାନଙ୍କ ପାଖରେ ବେଠି ଓ ଭେଟି ସହିତ ସବୁବେଳେ ମୁଣ୍ଡ ନୁଆଁଇ ଚାଲୁଥିଲେ । ସେମାନଙ୍କ ଝିଅବୋହୂମାନେ ମଧ୍ୟ ଯୌନଶୋଷଣର ଶୀକାର ହେଉଥିଲେ । କିନ୍ତୁ ବର୍ତ୍ତମାନ ନକ୍ସଲ୍‌ମାନଙ୍କ ସାହାସ ପାଇ ସେମାନେ ସମସ୍ତଙ୍କ ଆଗରେ ମୁଣ୍ଡ ଟେକି ଚାଲି ପାରୁଛନ୍ତି । ସତୁରି ଓ ଅଶୀ ଦଶନ୍ଧିରେ ନକ୍ସଲମାନଙ୍କ ବ୍ୟାପକ ଆନ୍ଦୋଳନ ଫଳରେ ଆନ୍ଧ୍ରର କରିମ୍‌ନଗର ଅଞ୍ଚଳରେ ବନ୍ଧକ ଶ୍ରମ ଭଳି ଏକ ଘୃଣ୍ୟ ପ୍ରଥାର ସଂପୂର୍ଣ୍ଣ ଅବସାନ ଘଟିପାରିଛି । ପ୍ରାୟ ସମସ୍ତ ଅଞ୍ଚଳରେ ଜଙ୍ଗଲ କର୍ମଚାରୀମାନେ ସାଧାରଣ ଆଦିବାସୀ ଓ ଦଳିତ ଲୋକମାନଙ୍କ ଉପରେ ଛୋଟଛୋଟ କଥାକୁ ନେଇ ନାନାଦି ନିର୍ଯ୍ୟାତନା କରୁଥିଲେ, ଯଥା ଲଘୁବନଜାତ ଦ୍ରବ୍ୟ ସଂଗ୍ରହ, ଯାହାକି ସଂପୂର୍ଣ୍ଣ ଆଇନ୍‌ସଂଗତ । କିନ୍ତୁ ନକ୍ସଲ୍‌ମାନଙ୍କ ଉପସ୍ଥିତି ଯୋଗୁଁ ତାହା ରୋକାଯାଇ ପାରିଛି । ଆନ୍ଧ୍ରପ୍ରଦେଶ, ଛତିଶ୍‌ଗଡ ଓ ମହାରାଷ୍ଟ୍ର ଭଳି ରାଜ୍ୟରେ ନକ୍ସଲ୍‌ମାନଙ୍କ ପ୍ରଭାବ ଯୋଗୁଁ ସ୍କୁଲ୍‌ରେ ଶିକ୍ଷକ, ଡାକ୍ତରଖାନାରେ ଡାକ୍ତର ଓ ସରକାରୀ ଅଫିସ୍‌ରେ କର୍ମଚାରୀମାନଙ୍କ ନିୟମିତ ଉପସ୍ଥାନ ବୃଦ୍ଧି ପାଇପାରିଛି । ସ୍ଥାନୀୟ ସ୍ତରରେ ବିବାଦ ମୀମାଂସା କ୍ଷେତ୍ରରେ ନକ୍ସଲ୍‌ମାନଙ୍କ ଅବଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଲୋକଙ୍କ ଦୈନନ୍ଦିନ ଜୀବନରେ ଘଟୁଥିବା ପାରସ୍ପରିକ ଝଗଡାର ସମାଧାନ ପାଇଁ ଆମଦେଶରେ କୌଣସି ବୈଧାନିକ ବ୍ୟବସ୍ଥା ନାହିଁ; ଅନ୍ୟପକ୍ଷରେ ମୋକଦ୍ଦମା-ଫଇସଲା ପାଇଁ ଯେଉଁ ଅଦାଲତମାନ ଅଛି, ସେଠାରେ ପହଞ୍ଚିବା ତଳସ୍ତରରେ ଥିବା ନିରକ୍ଷର ଓ ବଞ୍ଚିତ ଲୋକମାନଙ୍କ ପକ୍ଷେ ଅସମ୍ଭବ । ଏହି ପରିପ୍ରେକ୍ଷୀରେ ନକ୍ସଲ୍‌ମାନଙ୍କ 'ଜନ ଦରବାର' ଓ ତୁରନ୍ତ ନ୍ୟାୟ ଓ ବିଶେଷ କରି ଉଚ୍ଚବର୍ଗ ଓ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ବିରୁଦ୍ଧରେ ତଥା ଗରିବ ଓ ଦଳିତ ବ୍ୟକ୍ତିମାନଙ୍କରେ ସପକ୍ଷରେ ସେମାନଙ୍କର ରାୟ ସାଧାରଣ ଲୋକମାନଙ୍କ ଦ୍ୱାରା ଆଦୃତ ହେବାରେ ଲାଗିଛି । ସେହିପରି ତଳ ଶ୍ରେଣୀର ଲୋକମାନଙ୍କର, ଓ ବିଶେଷ କରି ଗରିବ ମହିଳାମାନଙ୍କର ପୋଲିସ୍ ଓ ଥାନାଗୁଡିକ ଉପରେ ଆସ୍ଥା ନାହିଁ, କାରଣ ଏମାନେ ଆଇନ୍‌ର ରକ୍ଷକ ହୋଇସୁଦ୍ଧା ସର୍ବଦା ଧନୀ ଓ କ୍ଷମତାଶାଳୀ ଗୋଷ୍ଠୀର ହାତବାରିସୀ ରୂପେ କାର୍ଯ୍ୟ କରିଥାନ୍ତି । କିନ୍ତୁ ନକ୍ସଲ୍‌ମାନେ ଏହିଭଳି ପରିସ୍ଥିତିରେ ଗରିବ ଲୋକମାନଙ୍କୁ ସୁରକ୍ଷା ଦେଇଥାନ୍ତି ଓ ଆବଶ୍ୟକ ପଡିଲେ ଏଥିପାଇଁ ପୋଲିସ୍‌ର ମୁହାଁମୁହିଁ ହୋଇଥାନ୍ତି । ନକ୍ସଲ୍‌ପନ୍ଥୀମାନଙ୍କ ସହିତ ତଳସ୍ତରର ଲୋକମାନଙ୍କର ଏକ ଭାବଗତ ଏକାତ୍ମତା ମଧ୍ୟ କାମ କରୁଛି । ପୋଲିସ୍ ଓ ପ୍ରଶାସନରେ ଥିବା ଭଦ୍ରଲୋକୀ ବାବୁମାନଙ୍କର ଉପରମୁହାଁ ଓ ନିଷ୍ଠୁର ଆଚରଣ ସହିତ ସେମାନେ ତୁଳନା କରନ୍ତି ଜଣେ ନକ୍ସଲ୍ କର୍ମୀର ବ୍ୟବହାରକୁ । ଜଣେ ନକ୍ସଲ୍ କର୍ମୀ ଯେ କି ସେମାନଙ୍କ ପରିବାର ଭିତରୁ ଆସିଛି ଏବଂ ସେମାନଙ୍କ ଭାଷାରେ ଓ ସେମାନଙ୍କ ସ୍ୱାର୍ଥରେ କଥା କହୁଛି ତଥା ତାକୁ ଗାଁ ଠାରୁ ଆରମ୍ଭ କରି ତହସିଲ୍ ଯାଏ ସବୁ ବଡବଡିଆ ଡରୁଛନ୍ତି, ସେ ହିଁ ସେମାନଙ୍କ କଳ୍ପନା-ଜଗତରେ ଧର୍ମ ଓ ନ୍ୟାୟର ମୂର୍ତ୍ତୀମନ୍ତ ଅବତାରର ସ୍ଥାନ ଗ୍ରହଣ କରିନେଇଛି ।

**ରାଷ୍ଟ୍ର ଆଗରେ ଆହ୍ୱାନ୍**

ଯୋଜନା କମିଶନ୍‌ଙ୍କ ଏହି ରିପୋର୍ଟରେ କୁହାଯାଇଛି ଯେ, ସବୁ ନକ୍ସଲ୍ ଗୋଷ୍ଠୀ ଲୋକମାନଙ୍କର ନିତିଦିନିଆ ଜୀବନରେ ସାମାଜିକ ସମତା ଓ ନ୍ୟାୟ ପାଇଁ ଉପରୋକ୍ତ ଢଙ୍ଗରେ ସେମାନଙ୍କର ଭୂମିକା ପାଳନ କରୁଥଲେ ହେଁ ବର୍ତ୍ତମାନର ରାଷ୍ଟ୍ରବ୍ୟବସ୍ଥାକୁ ସଶସ୍ତ୍ର ଉପାୟରେ ଉଚ୍ଛେଦ କରିବା ପାଇଁ କଥା କହିଥାନ୍ତି । 'ରାଷ୍ଟ୍ର ବ୍ୟବସ୍ଥାର ସଶସ୍ତ୍ର ଉଚ୍ଛେଦ' ପାଇଁ ନକ୍ସଲ୍‌ମାନେ ମସୁଧା କରୁଛନ୍ତି, ଏହି ଏକତରଫା ଆଳ ଦେଖାଇ ପୋଲିସ୍ ଓ ପ୍ରଶାସନ କେବଳ ନକ୍ସଲ୍‌ମାନଙ୍କୁ ନୁହେଁ, ସେମାନଙ୍କର ଆତ୍ମୀୟସ୍ୱଜନ ଓ ପରିଚିତ ଗ୍ରାମବାସୀଙ୍କ ଉପରେ ମଧ୍ୟ ନାନାଦି ଅକଥନୀୟ ଜୁଲୁମ୍ ଆରମ୍ଭ କରିଦିଅନ୍ତି, ଅଥଚ ଯେଉଁ ସମତା ଓ ସାମାଜିକ ନ୍ୟାୟର ପ୍ରସଙ୍ଗକୁ କେନ୍ଦ୍ର କରି ନକ୍ସଲ୍‌ମାନେ ଲୋକଙ୍କର ଆସ୍ଥାଭାଜନ ହୋଇଥିଲେ, ସେସବୁକୁ ପୂର୍ବଭଳି ଉପେକ୍ଷା କରିଚାଲନ୍ତି । ଏହାର ପରିଣାମ ସ୍ୱରୂପ, ପୋଲିସ୍ ଓ ପ୍ରଶାସନ ପ୍ରତି ସାଧାରଣ ଲୋକମାନଙ୍କର ଅଶ୍ରଦ୍ଧା ଓ ଅବିଶ୍ୱାସ ଅଧିକ ଘନୀଭୂତ ହୋଇଥାଏ (ଦ୍ରଷ୍ଟବ୍ୟ: ଅନୁଚ୍ଛେଦ ୩.୭.୨) । ପୁଣି ଆମର ଶାସନ କଳ ଏମିତି ଅଥର୍ବ ଯେ, ଲୋକେ ଶାନ୍ତିପୂର୍ଣ୍ଣ ଭାବେ ସେମାନଙ୍କର କୌଣସି ନ୍ୟାୟସଙ୍ଗତ ଅଧିକାର ପାଇଁ ଦାବୀ କଲେ ତାହା ଶୁଣାଯାଏନା, କିନ୍ତୁ ଯେତେବେଳେ ସେମାନେ ଶାସନକଳକୁ ଅଚଳ କଲାଭଳି କୌଣସି ପଦକ୍ଷେପ ନିଅନ୍ତି ସେତେବେଳେ ଶାସନକଳର ନିଦ ଭାଙ୍ଗେ ଓ ଲୋକଙ୍କୁ ଶାନ୍ତ କରିବା ପାଇଁ ତୁରନ୍ତ କିଛି ନା କିଛି ବ୍ୟବସ୍ଥା କରିଥାଆନ୍ତି । ଶାସନ-କଳ ସହିତ ଲୋକମାନଙ୍କର ଏହି ବିଚିତ୍ର ଅନୁଭୂତିର ଏକ ସୁଦୀର୍ଘ ଓ ପୁଞ୍ଜିଭୂତ ପ୍ରକ୍ରିୟା ମଧ୍ୟରେ ନକ୍ସଲବାଦର ପ୍ରସାର ଘଟିଚାଲିଛି ବୋଲି ଶାସକ-ଗୋଷ୍ଠୀଙ୍କୁ ବୁଝିବାକୁ ପଡିବ ଏବଂ ତଦନୁଯାୟୀ ଲୋକମାନଙ୍କ ପ୍ରତି ନିଜର ଆଚରଣକୁ ବଦଳାଇବାକୁ ପଡିବ (ଦ୍ରଷ୍ଟବ୍ୟ: ୧.୧୮.୨) ।

**Chitta Behera, 4A Jubilee Tower, Choudhury Bazar, Cuttack-9, Mobile-9437577546, Dt 19 May 08**